






## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

## ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

## ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

## ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।



# ମୋ ଗାଁ

## ପୁରୀ ଜିଲ୍ଲାରେ ଗଡିଲା ସାଇବର ସଚେତନତା ରଥ



ପୁରୀ,(ପି.ଏନ):ସୋମବାର ଅପରାହ୍ନରେ ପୁରୀ ଟାଉନ ଥାନା ପରିସରରେ ଜିଲ୍ଲାପାଳ ସମର୍ଥ ବର୍ମା ଏବଂ ଏସପି ଡଃ କନଓ୍ୱର ବିଶାଳ ସିଂ ମିଳିତଭାବେ ସାଇବର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ସଚେତନତା ରଥ ଜିଲ୍ଲାରେ ଚଳିତ ମାସ ୨ତାରିଖ ଠାରୁ ୧୫ତାରିଖ ପର୍ଯ୍ୟନ୍ତ ସମସ୍ତ ଗ୍ରାମ,ସହରକୁ ଯାଇ ସାଧାରଣ ଲୋକଙ୍କୁ ସାଇବର ଅପରାଧ ଏବଂ ଏହାର ନିରାକରଣ ସମ୍ପର୍କରେ ଅବଗତ କରିବ । ଏହାର ମାସ୍କଟର ନାମ ସାଇରା ଦିଆଯାଇଛି । ସୂଚନା ମୁତାବକ,ପୁରୀ ଜିଲ୍ଲା ସମେତ ରାଜ୍ୟରେ ସାଇବର ଅପରାଧ ବର୍ତ୍ତମାନ ବଢିବାରେ ଲାଗିଛି । ଯାହା ଫଳରେ ରାଜ୍ୟ ସରକାର ସାଇବର ଅପରାଧକୁ ରୋକିବା ପାଇଁ ୨୦୨୧ମସିହା ଡିସେମ୍ବର ୨୯ତାରିଖରେ ସାଇବର ଥାନାର ଉଦଘାଟନ କରିଥିଲେ । ସାଇବର ଥାନା ଥାଇ ମଧ ସାଧାରଣ ଲୋକଙ୍କ ସଚେତନତାର ଅଭାବରେ ଅପରାଧିମାନେ ନିମିଷେକରେ ଲୋକଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଡେଇ ନେବାରେ ସକ୍ଷମ ହେଉଛନ୍ତି । ଏ ନେଇ ପୁରୀ ଜିଲ୍ଲାରେ ଏକାଧିକ ସାଇବର ମାମଲା ରୁଜୁ ହୋଇଛି । କିନ୍ତୁ ଲୋକେ ସାଇବର ଅପରାଧ ସମ୍ପର୍କରେ ସତର୍କ ନଥିବାରୁ ଅପରାଧିମାନେ ଲୋଭ ଦେଖାଇ ଟଙ୍କା ଲୁଟି ନେବାରେ ସକ୍ଷମ ହେଉଛନ୍ତି । ଏହି ସାଇବର ଅପରାଧର ମୁଖ୍ୟତଃ ମହିଳା,କଲେଜ ପଢୁଥିବା ଛାତ୍ରଛାତ୍ରୀ ଏବଂ ବୟସ୍କ ଲୋକେ ଶିକାର ହେଉଥିବାର ଜଣାପଡିଛି । ଏ ନେଇ ଜିଲ୍ଲାରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ସୋମବାର ଅପରାହ୍ନରେ ପୁରୀ ଟାଉନ ଥାନା ପରିସରରେ ଏକ ସାଇବର ସଚେତନତା ରଥକୁ ଜିଲ୍ଲାପାଳ ସମର୍ଥ ବର୍ମା ଏବଂ ଏସପି ଡଃ କନଓ୍ୱର ବିଶାଳ ସିଂ ମିଳିତଭାବେ ଉଦଘାଟନ କରିଛନ୍ତି । ଏହି ରଥ ଜିଲ୍ଲାର ପ୍ରତ୍ୟେକ ଥାନା,ବିଦ୍ୟାଳୟ ସମେତ ଘରକୁ ଘର ବୁଲି ସାଇବର ଅପରାଧ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ । ସଚେତନ ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ବୁଝାଇବା ସହ ଓଡିଆ ଏବଂ ଇଂଗ୍ରାଜୀରେ ଥିବା ପ୍ରଚାରପତ୍ର ବଂଟନ କରିବେ । କୌଣସି ବ୍ୟକ୍ତିଙ୍କ ସହ ସାଇବର ଅପରାଧ ଘଟିଲେ ତୁରନ୍ତ ୧୯୩୦ରେ କଲ କରିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି । କେବଳ ସଚେତନତା ଏବଂ ସତର୍କତା ଦ୍ୱାରା ସାଇବର ଅପରାଧକୁ ରୋକା ଯାଇ ପାରିବ ବୋଲି ଏସପି ଡଃ କନଓ୍ୱର ବିଶାଳ ସିଂ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଅଂଚଳର ଶତାଧିକ ସ୍ଥାନୀୟ ଲୋକେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ୟୁକୋ ବ୍ୟାଙ୍କ ସାହାଯତାରେ ଆୟୋଜିତ କରାଯାଇଥିବାର ସୂଚନା ମିଳିଛି ।

## ତଟରକ୍ଷୀ ବାହିନୀ ପକ୍ଷରୁ ସଫେଇ ଅଭିଯାନ ଅନୁଷ୍ଠିତ

ପାରାଦୀପ,(ପି.ଏନ):ମହାତ୍ମା ଗାନ୍ଧିଙ୍କ ପୁଣ୍ୟ ଜନ୍ମ ତିଥି ଅବସରରେ ପାରାଦୀପସ୍ଥିତ ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ସ୍ୱଚ୍ଛତା ହି ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗାରବେଜ୍ ଫ୍ରି ଇଣ୍ଡିଆ ଅଭିଯାନ ଅଧିନରେ ପାରାଦୀପ, ଭୁବନେଶ୍ୱର ଓ ଗୋପାଳପୁରଠାରେ ଏକକାଳୀନ ଏହି ଅଭିଯାନ ଆୟୋଜିତ ହୋଇଥିଲା । ଗାନ୍ଧିଜୀଙ୍କ ପୁଣ୍ୟ ଜନ୍ମ ତିଥି ଅବସରରେ କାର୍ଯ୍ୟାଳୟ, ଘର, ପରିବେଶ, ସର୍ବସାଧାରଣ ସ୍ଥାନମାନଙ୍କରେ ସଫେଇ କାର୍ଯ୍ୟ ହୋଇଥିଲା ।

## ଜେନାପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ



ଜେନାପୁର,(ପି.ଏନ୍) : ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଡାକ୍ତର ସତ୍ୟଜିତ ସାହୁଙ୍କ ନେତୃତ୍ୱରେ ଆୟୁଷ ଡାକ୍ତର ସୂର୍ଯ୍ୟମଣି ଆଚାର୍ଯ୍ୟ,ଫାର୍ମାସିଷ୍ଟ ପ୍ରଶାନ୍ତ ସାହୁ,ସ୍ୱାସ୍ଥ୍ୟକର୍ମୀ ଦେବାଶିଷ ଦାସ, ମହିଳା ସ୍ୱାସ୍ଥ୍ୟ କର୍ମୀ ସାବିତ୍ରୀ ଦାସଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ମେଡିକାଲ ପରିସର ଓ ସ୍ଥାନୀୟ ମା ତାରିଣୀଙ୍କ ମନ୍ଦିର ପରିସରକୁ ସଫେଇ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ମା ହିଙ୍ଗୁଳା ୟୁଥ କ୍ଲବର ସମସ୍ତ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ । ସେହିପରି ଜାଭିଯର କିଡ୍ସବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକ ଛାତ୍ରାଛାତ୍ରୀ ନିଜ ବିଦ୍ୟାଳୟ ପରିସରକୁ ସଫେଇ କରବା ସହିତ ଜେନାପୁର ରେଳଷ୍ଟେସନକୁ ପରିସରକୁ ସଫେଇ କରିଥିଲେ ।

## ଗୋପବନ୍ଧୁ ପ୍ରେସ୍ କ୍ଲବ୍ ତରଫରୁ ଗାନ୍ଧୀ ଜୟନ୍ତୀ ପାଳିତ



ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କନ୍ତପଡା ଛକ ନିକଟସ୍ଥ ଜେନାପୁର ଗୋପବନ୍ଧୁ ପ୍ରେସ କ୍ଲବ୍ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମେ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ସଭାପତି ଶ୍ରୀଯୁକ୍ତ ଅଶୋକ ଦାସଙ୍କ ଆବାହକତ୍ୱରେ ମାହାତ୍ମାଗାନ୍ଧୀଙ୍କ ଜୀବନ ଶୈଳି ଉପରେ ଆଲୋକପାତ କରିଥିଲେ । ସେ କହିଲେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଗୁଡିକ ତାଙ୍କ ନୀତି ଆଦର୍ଶରେ ଚାଲିଲେ ଜୀବନ ସାର୍ଥକ ହୋଇପାରିବ ବୋଲି କଥା ପ୍ରସଙ୍ଗରେ ଦିଗ୍ଦର୍ଶନ ଦେଇଥିଲେ । ସ୍ୱଚ୍ଛତା ଓ ପରିମଳ ଦ୍ୱାରା ଜୀବନ ଶୈଳିରେ ରୋଗ ହ୍ରାସ ହେବା ସହ ପରିବେଶ ସୁନ୍ଦରମୟ ହୋଇପାରିବ । କାର୍ଯ୍ୟକ୍ରମରେ କ୍ଲବ୍ ର ସଭାପତି ଅଶୋକ ଦାସ,ଉପସଭାପତି ବାବୁଲି ରାଉତ,ସମ୍ପାଦକ ଚିତ୍ରସେନ ନାଥ, ସହସମ୍ପାଦକ ବସନ୍ତ ମଲ୍ଲିକ, କୋଷଦକ୍ଷ ସୁନୀଲ ପାତ୍ରୀ, ପ୍ରଶାନ୍ତ ସାମଲ ବିନୟ, ଜେନାମଣି, ଅସିତ୍ ନାୟକ,ନିଷ୍କାନ୍ତ ଖଟୁଆ ପ୍ରମୁଖ ଯୋଗଦେଇ ଥିଲେ ।

## ଦିବ୍ୟାଙ୍ଗ ପିଲାମାନେ ଯାଦୁଗର ଭଳି ଅସମ୍ଭବ କଥାକୁ ସମ୍ଭବ କରି ଦେଖାନ୍ତି : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ଦିବ୍ୟାଙ୍ଗ ପିଲା ମାନଙ୍କ ପ୍ରତିଭା କାହା ଠାରୁ କୌଣସି ଗୁଣରେ କମ୍ ନୁହେଁ । ସେମାନେ ଯାଦୁଗର ଭଳି ଅସମ୍ଭବ କଥାକୁ ସମ୍ଭବ କରି ଦେଖାଇଥାନ୍ତି ବୋଲି ଆଜି ନୂଆଦିଲ୍ଲୀ ଠାରେ ଆୟୋଜିତ 'ଦିବ୍ୟାଙ୍ଗଜନ ସ୍ୱାଭିମାନ ସମ୍ମାନ ସମାରୋହ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଲୋକସେବକ ମଣ୍ଡଳ ଏବଂ ଅନାମ ସ୍ନେହ ପରିବାର ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା, ସେମାନଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ରାଷ୍ଟ୍ରୀୟ ଶିକ୍ଷା ନୀତି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ପ୍ରତିବନ୍ଧକ ମୁକ୍ତ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛି ।ଦିବ୍ୟାଙ୍ଗ ପିଲାମାନେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥାନ୍ତି । ସେମାନେ ଯାଦୁଗର ଭଳି ଅସମ୍ଭବ କଥାକୁ ସମ୍ଭବ କରି ଦେଖାଇଥାନ୍ତି । ସେମାନେ ନବସୃଜନର ଅଧିକାରୀ । ସନ୍ଥ କବି ଭୀମ ଭୋଇଙ୍କ ପଙ୍‌କ୍ତି "ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ"କୁ ଉଦ୍ଧୃତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ଏହି ଦୃଷ୍ଟିବାଧିତ କବି ନିଜ ବାର୍ତ୍ତା ମାଧ୍ୟମରେ ବସୁଧୈବ କୁଟୁମ୍ବକମର ବାର୍ତ୍ତା ଦେଇଥିଲେ । ଦୁନିଆକୁ ମୋର ପରିବାର ବୋଲି ଅଭିହିତ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଅମୃତ କାଳରେ ଆମକୁ ଏପରି ଏକ ବ୍ୟବସ୍ଥା ନିର୍ମାଣ କରିବାକୁ ହେବ, ଯେଉଁଥିରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସମାନ ସୁଯୋଗ ଏବଂ ସ୍ୱାଭିମାନ ସହିତ ବଞ୍ଚିବାର ପଥ ପ୍ରଶସ୍ତ ହେବ । ଗାନ୍ଧିଜୀ, ଶାସ୍ତ୍ରୀଜୀ, ଲାଲାଜୀ, ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଜନନାୟକଙ୍କ ସ୍ୱପ୍ନର ଏକ ବିକଶିତ ଭାରତ ସେତେବେଳେ ହିଁ ଗଢ଼ି ଉଠିବ ଯେତେବେଳେ ଆମେ ଆମ ଦିବ୍ୟାଙ୍ଗ ଭାଇ ଭଉଣୀମାନଙ୍କୁ ସମାନ ଅଧିକାର ସହିତ ବଞ୍ଚିବାର ପରିବେଶ ସୃଷ୍ଟି କରିବା ବୋଲି ସେ କହିଛନ୍ତି ।ଏହି ଅବସରରେ ଶ୍ରୀ ପ୍ରଧାନ ଦିବ୍ୟାଙ୍ଗ ଭାଇ ଓ ଭଉଣୀଙ୍କ ସଶକ୍ତିକରଣ ଏବଂ ସେମାନଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ସକ୍ରିୟ ଭାବରେ କାମ କରୁଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନକୁ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବରୁ ଶ୍ରୀ ପ୍ରଧାନ ସମ୍ବିଧାନ ସଦନରେ ମହାତ୍ମା ଗାନ୍ଧି ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଝକ୍ତଙ୍କକ୍ଷପ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଝକ୍ଷପ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାଓ୍ୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାଓ୍ୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାଓ୍ୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାଓ୍ୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାଓ୍ୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାଓ୍ୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଝକ୍ଷପ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାଓ୍ୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେଓ୍ୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାଓ୍ୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାଓ୍ୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାଓ୍ୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାଓ୍ୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଝକ୍ଷପ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାଓ୍ୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାଓ୍ୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

ପାରାଦୀପ,(ପି.ଏନ): ମହାତ୍ମା ଗାନ୍ଧୀଙ୍କ ୧୫୪ ତମ ଜନ୍ମ ଜୟନ୍ତୀ ଅବସରରେ ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଆୟୋଜିତ ହୋଇଥିଲା । ଏହି ଅବସରରେ ପାରାଦୀପ ତୈଳ ବିଶୋଧନାଗାରର ସିଜିଏମ୍ ବି ଆର ମଲ୍ଲିକଙ୍କ ସମେତ ଅନ୍ୟ ଅଧିକାରୀମାନେ ମହାତ୍ମା ଗାନ୍ଧୀ ପ୍ରତିମୂ ର୍ତିରେ ମାଲ୍ୟାର୍ପଣ କରିଥିଲେ । ସ୍ୱଛତା ପାଳନ ନିମନ୍ତେ ସିଜିଏମ୍ ଶ୍ରୀ ମଲ୍ଲିକ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଟାଉନସିପ୍ ଓ ବାମଦେଇପୁର ଗ୍ରାମ ପଂଚାୟତରେ କ୍ୟାନମାସ ଦ୍ୱାରା ସଚେତନାତ୍ମ୍ୟକ ପଥପ୍ରାନ୍ତ ନାଟକ ପରିବେଶିତ ହୋଇଥିଲା । ଶେଷରେ ଜିରୋ ପଏ ଠାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




# ଭ୍ରମଣ ସାହିତ୍ୟର ଜନକ: ରହୁଲ ସାଂକୃତ୍ୟାୟନ



ରହୁଲ ସାଂକୃତ୍ୟାୟନ ଥିଲେ ଜଣେ ବିଶିଷ୍ଟ ହିନ୍ଦୀ ସାହିତ୍ୟକାର। ତାଙ୍କୁ ମହାପଣ୍ଡିତ ଉପାଧିରେ ସମ୍ବୋଧନ କରାଯାଇ ଥାଏ। ସେ ଜଣେ ପ୍ରତିଷ୍ଠିତ ବହୁଭାଷାବିତ୍ ଥିଲେ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ ଭ୍ରମଣ କାହାଣୀ ତଥା ବିଶ୍ୱ ଦର୍ଶନ କ୍ଷେତ୍ରରେ ଲେଖନୀ ଚାଳନା କରି ବିଶେଷ ପ୍ରସିଦ୍ଧି ହାସଲ କରିପାରିଥିଲେ। ତାଙ୍କୁ ହିନ୍ଦୀ ଭ୍ରମଣ ସାହିତ୍ୟର ଜନକ ବୋଲି କୁହାଯାଇ ଥାଏ। ସେ ବୌଦ୍ଧ ଧର୍ମ ଉପରେ ଗବେଷଣା କରିଥିଲେ। ତିବ୍ବତ୍‌ଠାରୁ ଶ୍ରୀଲଙ୍କା ପର୍ଯ୍ୟନ୍ତ ଭ୍ରମଣ କରିଥିଲେ। ଏହାଛଡ଼ା ସେ ମଧ୍ୟ ଏସିଆ ମଧ୍ୟ ଭ୍ରମଣ କରିଥିଲେ। ଭ୍ରମଣ କରିଥିବା ସ୍ଥାନରୁ ସେ ଅତି ଦୁର୍ଲ୍ଲଭ ଗ୍ରନ୍ଥ ସଂଗ୍ରହ କରିଥିଲେ। ସେହିସବୁ



ଗ୍ରନ୍ଥ ଉପରେ ଗବେଷଣା କରି ସେ ବହୁ ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି। ସେ ଅନେକ ଭ୍ରମଣ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଜୀବନୀ ଲେଖିଯାଇଛନ୍ତି। ସେ ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣୀତ ଥିଲେ। ସେଥିପାଇଁ ସେ ଲେନିନ୍, ଷ୍ଟାଲିନ୍, କାର୍ଲମାର୍କସ୍, ମାଓ ସେ ତୁଙ୍ଗଙ୍କ ଭଳି ବାମପନ୍ଥୀ ଦାର୍ଶନିକ ଜୀବନୀ ଲେଖିଥିଲେ। ସାଂକୃତୟନଙ୍କ ସ୍ମୃତିରେ ଭାରତର ସରକାରଙ୍କ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ପକ୍ଷରୁ ଭ୍ରମଣ ସାହିତ୍ୟକୁ ପ୍ରୋତ୍ସାହନ ଦେବା ଲାଗି ରାହୁଲ ସାଂକୃତାୟନ ଜାତୀୟ ପୁରସ୍କାର ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଭ୍ରମଣ ଗବେଷଣା କ୍ଷେତ୍ରକୁ ଅବଦାନ ପାଇଁ ମହାପଣ୍ଡିତ ରହୁଲ ସାଂକୃତାୟନ ୧୮୯୩ ମସିହା ଏପ୍ରିଲ ୯ ତାରିଖରେ ଉତ୍ତର ପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ପାଣ୍ଡହା ଗ୍ରାମରେ ଜନ୍ମ ନେଇଥିଲେ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨, E-mail : badal009bhuyan@gmail.com

# ବିଷ ବଳୟରେ ୯୦% ଭାରତୀୟ

## —ଅଧିକ ସଂକ୍ରମିତ ହେବେ ଶିଶୁ—



ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ଼ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲ୍ୟୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ଼ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋକ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ଼ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାକ୍ସ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪

# ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସହରରେ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କର ଏକ ବୈଠକ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଉନ୍ନତ ମାନର ହୋଇଥିଲେ ମଧ୍ୟ ବରିଷ୍ଠ ନାଗରିକ ତଥା ସାଧାରଣ ଜନତାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ତ୍ରୁଟି ବିଚ୍ୟୁତି ରହୁଥିବା ହେତୁ ଏ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଏକ ତିନିଜଣିଆ କମିଟି ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବାସ୍ତବ ଚିତ୍ର ସାମ୍ନାକୁ ଆଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବରିଷ୍ଠ ନାଗରିକମାନଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷର ପରିଚୟ ପତ୍ର ପ୍ରଦାନ କରାଯିବା ସହ ଆସନ୍ତା ଏପ୍ରିଲ ୧୬ ତାରିଖରେ ସାଧାରଣ ସଭା କରାଯିବା ପାଇଁ ସ୍ଥିର ହୋଇଥିଲା। ସୁସ୍ଥ ସାମାଜିକ ଜୀବନଯାପନରେ ବ୍ରତୀ ଥିବା ଆଦର୍ଶ ପରିବାରକୁ ସମ୍ବର୍ଧିତ କରାଯିବ ବୋଲି ସଂପାଦକ ରାମଶଙ୍କର ସୂଚନା ଦେଇଥିଲେ। ନବନିର୍ବାଚିତ ପୌରାଧ୍ୟକ୍ଷା କନକଲତା ମହାନ୍ତି ତଥା ସମସ୍ତ ୱାର୍ଡର କାଉନସିଲରଙ୍କୁ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଦଳ, ମତ ନିର୍ବିଶେଷରେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସହ-ସଂପାଦକ ବସନ୍ତ କୁମାର ଦାଶ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା, ନାରାୟଣ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଶ୍ରୀରାମ ମନ୍ଦିରରେ ଉତ୍କଳ ଦିବସ ପାଳନ ଓ ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ଶ୍ରୀରାମ ନଗରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ, ଶ୍ରୀରାମ ମନ୍ଦିର ଉନ୍ନତି ମିଳିତ ଭାବେ ୧୩୦ରୁ ଉର୍ଦ୍ଧ୍ୱ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ଦୟାନିଧି ସାହୁଙ୍କ ଅଧକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ନବ ନିର୍ବାଚିତ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଓ କାଉନସିଲର ସୌର୍ଯ୍ୟ ରଂଜନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଏବଂ ସମ୍ମାନିତ ଅତିଥି ରୂପେ ଯୋଗଗୁରୁ ସୀତାକାନ୍ତ ପଣ୍ଡା, ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ମହାରଣା ଓ ଆଡ଼ଭୋକେଟ ବ୍ରଜ କିଶୋର ସାହୁ ଯୋଗ ଦେଇ ପ୍ରାଚୀନ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ନାୟକ, ପ୍ରଫେସର ପରେଶ ଚନ୍ଦ୍ର ପଟ୍ଟନାୟକ, ଗୋଲକ ବିହାରୀ ଜେନା, ସନ୍ତୋଷ ରାଉତ, ସର୍ବେଶ୍ୱର ଦାସ, କନକମଂଜରୀ ପଟ୍ଟନାୟକ, ବିଜୟ କୁମାର ବେହେରା, ଆଶାଲତା ବଳିଆରସିଂହ, କନକ ଜେନା, ଦୁର୍ଗାବତୀ କହଳସିଂହ, ଉର୍ମିଳା ବେହେରା ଓ ସ୍ୱପ୍ନା ପଟ୍ଟନାୟକ ବକ୍ତବ୍ୟ ଦେଇଥିଲେ। ଜ୍ୟୋତି ରଂଜନ ସାହୁ, ସୁଜାତା ପଟ୍ଟନାୟକ ଓ ରଶ୍ମୀରେଖା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟଗୁରୁ ହେମନ୍ତ ବେହେରା, ଗତିକୃଷ୍ଣ ଜେନା ଓ ଚିନ୍ମୟୀ ପଣ୍ଡାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିନାଥ ଚରଣ ସ୍ମୃତି କଳା ଓ ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

# କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାଶ



ବ୍ୟକ୍ତି ସମକାଳର। ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡେ ସମାଜରୁ ରାଷ୍ଟ୍ରକୁ। ସେହିପରି ଜଣେ କାଳଜୟୀ ବ୍ୟକ୍ତିତ୍ୱ ଥିଲେ କ୍ରାନ୍ତିକାରୀ ଶିକ୍ଷକ ନେତା ଅର୍ଜୁନ ଚରଣ ଦାସ । ୨୦୧୩ ମସିହା ଏପ୍ରିଲ୍ ମାସ ୫ ତାରିଖରେ ତାଙ୍କର ଦେହାବସାନ ଘଟିଲା। ତାଙ୍କ ବିୟୋଗରେ ଗୋଟିଏ ଯୁଗର ଅବସାନ ହୋଇଗଲା । ଶିକ୍ଷକ ମହାସଂଘ ପରିବାରର ସେ ଥିଲେ ଜ୍ୟେଷ୍ଠ, ମୁରବୀ ଓ ମହାସାରଥୀ । - ଯେଉଁ ଯୁଗ ଥିଲା ଦାବି ହାସଲ ପାଇଁ ବେସାଲିସ୍ ସଂଗ୍ରାମର ତଥା ନିର୍ବିବାଦୀୟ ନିଷ୍ଠାର ଓ ସଂଗଠନ ପ୍ରତି ଅବିଚଳିତ ଆନୁଗତ୍ୟର ଯୁଗ ।

ଏହି କ୍ରାନ୍ତିକାରୀ ଶିକ୍ଷକ ନେତା ୧୯୩୦ମସିହା ଏପ୍ରିଲ ମାସ ୩ତାରିଖରେ ଅବିଭକ୍ତ କଟକ ଜିଲ୍ଲା ଓ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ଗୋପାଳପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଗୁଣନିଧି ଦାଶ ଓ ମାତାଙ୍କ ନାମ ଥିଲା ମାଗୁଣି ଦେବୀ । ବାଲ୍ୟକାଳରୁ ଲେଖାଲେଖି ପ୍ରତି ତାଙ୍କର ଗଭୀର ଆସକ୍ତି ଥିଲା । ଥରେ ସେ କୌଣସି ଲେଖା ଲେଖି ବସିଲେ ତାହା ନସରିବା ପର୍ଯ୍ୟନ୍ତ ସେଠାରୁ ସେ ଉଠୁ ନଥିଲେ । ଏହି ଅଭ୍ୟାସ ଓ ପ୍ରଚେଷ୍ଟା ହିଁ ତାଙ୍କୁ



ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ସ୍ୱନାମଧନ୍ୟ ଲେଖକ ହେବାରେ ସହାୟକ ହୋଇଥିଲା । ଯାହାର ଫଳ ସ୍ୱରୂପ ସେ ଅନେକ ଗୁଡିଏ ନାଟକ ରଚନା କରି ନିଜକୁ ଜଣେ ସଫଳ ନାଟ୍ୟକାର ରୂପେ ପ୍ରତିଷ୍ଠିତ କରିପାରିଥିଲେ ।

ଅର୍ଜୁନ ଚରଣ ଦାଶ ଏକାଧାରରେ ଥିଲେ ଜଣେ ସ୍ୱନାମଧନ୍ୟ ଶିକ୍ଷକ,ଉଚ୍ଚକୋଟୀର ବାଗ୍ମୀ,ଦକ୍ଷ ସଂଗଠକ ତଥା ରାଜ୍ୟର ଜଣେ ଅଦ୍ୱିତୀୟ ଶିକ୍ଷକନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗି ପଡିନଥିଲେ । ଶିକ୍ଷକ ମାନଙ୍କର ଜୀବନ ଜୀବିକା ସମସ୍ୟାର ସମାଧାନ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା । ଥରେ ସେ ଯାହା ଚିନ୍ତା କରୁଥିଲେ ତାହା କାମରେ କରି ଦେଖାଉଥିଲେ,ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କର ସମସ୍ୟାର ସମାଧାନ ହେଉ,ଓଡିଶାରେ ଶିକ୍ଷାର ବିକାଶ ହେଉ ଏହାହିଁ ଥିଲା ତାଙ୍କର ଅନବରତ ଚିନ୍ତା। ଏଥିପାଇଁ ସେ ନିଜ ଜୀବନକୁ ଶିକ୍ଷକ ସମାଜର ଉନ୍ନତି ନିମନ୍ତେ ଉତ୍ସର୍ଗ କରିଥିଲେ ।

ସଂଗଠନ କ୍ଷେତ୍ରରେ ଅର୍ଜୁନ ଚରଣ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ତିର୍ତ୍ତୋଲ ବ୍ଲକର ସଂମ୍ପାଦକ,ଜିଲ୍ଲା ସଂମ୍ପାଦକ ଭାବେ କାର୍ଯ୍ୟକରି ସେ ନିଜର ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ। ଆଉ ତା'ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକସଂଘ ଉପ-ସଭାପତି ଓ ୧୯୯୦ ରୁ ୧୯୯୮ପର୍ଯ୍ୟନ୍ତ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି ଭାବେ କାର୍ଯ୍ୟକରି ସେ କେବଳ ଜଗତସିଂହପୁର ଜିଲ୍ଲା ନୁହେଁ ସମଗ୍ର ରାଜ୍ୟରେ ଶିକ୍ଷକ ସଂଗଠନକୁ ଶକ୍ତିଶାଳୀ କରିବା ସହ ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀ ମାନଙ୍କର ଅନୁଦାନ ଓ ଚାକିରୀ ସର୍ତ୍ତାବଳୀ ପ୍ରମୁଖ ସମସ୍ୟା ସମାଧନରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ । ଶିକ୍ଷକ ଗୌରବ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀ, ସ୍ୱର୍ଗତ କୈଳାସ ମହାପାତ୍ର, ପ୍ରଫେସର ଅବନୀ ବରାଳ, ପ୍ରଫେସର ଭଗବାନ ଜେନା ଓ ଆହୁରି ଅନେକ ଶିକ୍ଷକ ନେତାଙ୍କ ସହ ସାମିଲ ହୋଇ ଶିକ୍ଷକମାନଙ୍କୁ ଚାକିରୀ ସର୍ତ୍ତାବଳୀ ପ୍ରଦାନ, ପ୍ରତ୍ୟକ୍ଷ ଅନୁଦାନ ସୁବିଧା, ପେନ୍‌ସନ୍ ପ୍ରଦାନ,ଅଧ୍ୟାପକ ମାନଙ୍କୁ ୟୁ.ଜି.ସି ବେତନ ପ୍ରଦାନ ଆଦି ସୁବିଧା-ସୁଯୋଗ ମିଳିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ଏକଥା ଯେ କେହି ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

ଜଣେ ସଫଳ,ଦକ୍ଷ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅର୍ଜୁନ ଦାଶଙ୍କର ନିଆରା ପରିଚୟ ଥିଲା । ପ୍ରଥମେ ଭୁବନେଶ୍ୱର ଚନ୍ଦକା ହାଇସ୍କୁଲରୁ ଶିକ୍ଷକତା ଆରମ୍ଭ କରି ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ସେ । ପରେ କସର୍ଦ୍ଦାର କୁଳଶ୍ରୀ ମାଇନର ସ୍କୁଲ ଏବଂ ତାପରେ ନିଜ ଗାଁ ଗୋପାଳପୁରରେ ଥିବା ବଟମଙ୍ଗଳା ବିଦ୍ୟାପୀଠର ମଙ୍ଗଧରି ୧୯୮୮ରେ ଅବସର ନେବା ପର୍ଯ୍ୟନ୍ତ ଜଣେ କୃତୀ ଶିକ୍ଷକ ଭାବେ ସେ ଯେଉଁ ଛାପ ଛାଡିଯାଇଛନ୍ତି ତାହା ଏବେବି ଅନେକଙ୍କ ପାଇଁ ଉଦାହରଣ ହୋଇ ରହିବ । ବାସ୍ତବରେ ତାଙ୍କର ଶିକ୍ଷାଦାନ ଶୈଳୀ ଥିଲା ଅନନ୍ୟ ଓ ଅସାଧାରଣ । କୁନି କୁନି ପିଲାମାନଙ୍କୁ କୋଳେଇ ନେଇ,ତାଙ୍କ ମନକୁ ମନେଇ, ପାଠ ପଢେଇବାର ଭିନ୍ନ ଭିନ୍ନ କୌଶଳ ଆପଣେଇବାରେ ସେ ବେଶ୍ ସିଦ୍ଧହସ୍ତ ଥିଲେ । ତାଙ୍କ ହାତଗଢା ଅନେକ ବିଦ୍ୟାର୍ଥୀ ଆଜି ସମାଜର ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ କରିପାରିଛନ୍ତି ଏକଥା ସର୍ବଜନବିଦିତ । ଏଥି ସହିତ ଏ ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ଗଢିବାରେ ତାଙ୍କର ଅବଦାନକୁ ଭୁଲି ହେବନାହିଁ । ଏବେବି ସଅଁରା ହାଇସ୍କୁଲ,ବଟମଙ୍ଗଳା ହାଇସ୍କୁଲ ମୁକସାକ୍ଷୀ ରୂପେ ତାଙ୍କର ଗୁଣଗାନ କରି ଦଣ୍ଡାୟମାନ ।

ଜଣେ ସୁବକ୍ତା ଭାବରେ ସମଗ୍ର ରାଜ୍ୟରେ ବେଶ୍ ଜଣାଶୁଣା ଥିଲେ ଅର୍ଜୁନ ଦାଶ। ଅନ୍ୟ ବକ୍ତାମାନଙ୍କ ପରି ସେ ଆଳଙ୍କରିକ ଶବ୍ଦ ସମୂହ ବ୍ୟବହାର କରୁନଥିଲେ। ଖୁବ ଛୋଟ ଛୋଟ ଶବ୍ଦ, ଗାଉଁଲି ଲୋକକଥା, ନିତି ଦିନିଆ ଘଟଣା ଓ ଅନୁଭୂତିକୁ ନେଇ ସେ ଯେଉଁ ବକ୍ତବ୍ୟ ରଖୁଥିଲେ ତାହା ସମସ୍ତଙ୍କ ମନକୁ ଛୁଇଁପାରୁଥିଲା। "ସବୁ ସେହି ଗାତର ଦୋଷ", ସଭାରେ ସଭାପତି କିଏ? ବା-ପା ପ୍ରସଙ୍ଗ ତାଙ୍କ ଭାଷଣରେ ଯେତିକି ରୋଚକ ହୋଇଥାଏ, ଶିକ୍ଷକ ଅଧ୍ୟାପକ ମାନଙ୍କୁ ଆନ୍ଦୋଳନ ପାଇଁ ସେତିକି ପ୍ରେରଣା ଦେଇଥାଏ। ଖାଲି ସେତିକି ନୁହେଁ, ତାଙ୍କ କଟାକ୍ଷ ଓ ଶାଣିତ ଭାଷଣରେ ସରକାରୀ ଦଳ ଓ କଳକୁ ସମାଲୋଚନା କରିବାରେ ସେ ଧୂରୀଣ ଥିଲେ। ବହୁ ରକ୍ତକ୍ଷୟୀ ଶିକ୍ଷକ ଆନ୍ଦୋଳନର ସେ ଥିଲେ ପ୍ରତ୍ୟକ୍ଷଦର୍ଶୀ ମହାନାୟକ। କୌଣସି ପରିସ୍ଥିତିରେ ସେ ସରକାରୀ ଚାପ ଆଗରେ ମୁଣ୍ଡ ନୁଆଉଁନଥିଲେ। ଏହାହିଁ ଥିଲା ଏହି ଦୃଢମନା ଶିକ୍ଷକ ନେତାଙ୍କର ବିଶେଷତ୍ୱ। ଆଜିର ଦୁନିଆରେ ଅର୍ଜୁନ ଦାଶଙ୍କପରି ଶିକ୍ଷକ ନେତା ବିରଳ। ଏବେ ନେତା ଅଛନ୍ତି, କିନ୍ତୁ ସେଭଳି ନେତୃତ୍ୱ ନାହିଁ । ବର୍ତ୍ତମାନର ଶିକ୍ଷକ ନେତା ଓ ଶିକ୍ଷକ ସମାଜ ଏ କଥାକୁ ହୃଦୟଙ୍ଗମ କରିପାରିଲେ ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ ପାଇଁ ବାଟ ଫିଟିଯିବ ଏଥିରେ ସନ୍ଦେହ ନାହିଁ।

**ହିମାଂଶୁଶେଖର ଆଚାର୍ଯ୍ୟ**, ତିର୍ତ୍ତୋଲ, ଜଗତସିଂହପୁର, ମୋ- ୯୯୩୭୧୫୧୦୫୨

# ଖୋରଧା ପୌର ପରିଷଦ ସଭା ଗୃହର ମର୍ଯ୍ୟାଦା ହାନି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ

ଖୋର୍ଦ୍ଧା (ପିଏନ୍)- ଖୋରଧା ପୌରପରିଷଦକୁ ନବ ନିର୍ବାଚିତ ହୋଇ ଆସିଥିବା ଅଧକ୍ଷା ଓ କାଉନସିଲମାନଙ୍କୁ ନିର୍ବାଚିତ ପ୍ରମାଣ ପତ୍ର ପ୍ରଦାନ କରିବା ନିମନ୍ତେ ପୌର ପରିଷଦ ତରଫରୁ ଡ଼କା ଯାଇଥିଲା। ଖୋରଧା ଉପଜିଲ୍ଲାପାଳ ତଥା ପୌର ପରିଷଦର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରମାଣ ପ୍ରଦାନ କରାଯିବା ପରେ ଉକ୍ତ ସଭା ଗୃହରେ ପୌରାଧକ୍ଷଙ୍କ ପାଖରେ ବିଜୁ ଜନତା ଦଳର ଦୁଇଜଣ ମହିଳା କର୍ମୀ ବସି ନବ ନିର୍ବାଚିତ କାଉନସିଲରମାନଙ୍କ ଉଦେଶ୍ୟରେ କହିଥିଲେ ଯେ, ବିଜେପି ଓ ସ୍ୱାଧୀନ କାଉନସିଲରମାନେ ପୌରାଧକ୍ଷଙ୍କ କୌଣସି କାର୍ଯ୍ୟକୁ ବିରୋଧ ନ କରିବା ପାଇଁ ପ୍ରବର୍ତାଇଥିଲେ। ବିରୋଧ କଲେ ସେମାନଙ୍କ ୱାର୍ଡ଼ରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଯିବ ନାହିଁ। ଏହି ଘଟଣାଟିକୁ ଖୋରଧା ବିଜେପି ତରଫରୁ ତୃଢ ପ୍ରତିବାଦ ଜଣାଇବା ସହିତ କେଉଁ ପରିସ୍ଥିତିରେ ବିଜୁ ଜନତା ଦଳର ମହିଳା ନେତ୍ରୀ ଓ କର୍ମୀମାନଙ୍କୁ ପୌର ପରିଷଦର ସଭା ଗୃହରେ ବସି ଭାଷଣ ଦେବା ଓ ରାଜନୈତିକ ବୈଠକ କରିବାକୁ ସୁଯୋଗ ଦିଆଯାଇ ସଭା ଗୃହରେ ପବିତ୍ରତା ଓ ମର୍ଯ୍ୟାଦା ହାନି କରାଗଲା। ପୌର ପରିଷଦର ନିର୍ବାହୀ ଅଧିକାରୀ କାହିଁକି ଏହି ସବୁ କାର୍ଯ୍ୟକୁ ବାରଣ କଲେ ନାହିଁ। ଏ ସମ୍ପର୍କରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖୋରଧା ଜିଲ୍ଲା ବିଜେପି ସଭାପତି ରଶ୍ମୀ ରଂଜନ ମହାପାତ୍ର ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟ, ନିକୁଞ୍ଜ ପଟ୍ଟନାୟକ, କୁନିଲତା ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଖୋରଧା ଜିଲ୍ଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି।

# ସରକାରଙ୍କ ଲକ୍ଷ୍ମୀ ଯୋଜନାକୁ ବିରୋଧ କରି ଘରୋଇ ବସ୍ ଚଳାଚଳ ବନ୍ଦ

ମାଲକାନଗିରି, (ପି.ଏନ): ରାଜ୍ୟରେ ଯାତ୍ରୀ ପରିବହନ କ୍ଷେତ୍ରରେ ଲେଖାହେବ ନୂଆ ଅଧ୍ୟାୟ । ଯୋଡି ହେବ ଗାଁରୁ ରାଜଧାନୀ । ଐତିହାସିକ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପ୍ରାଥମିକ ପର୍ଯ୍ୟାୟରେ ମାଲକାନଗିରି ସମେତ ୪ଟି ଜିଲ୍ଲାରୁ ଆରମ୍ଭ ହେବ ଲକ୍ଷ୍ମୀ ବସ୍ ସେବା । ମାଲକାନଗିରି ଜିଲ୍ଲାରୁ ଗଡ଼ିବ ୩୬ଟି ବସ୍ । ଲକ୍ଷ୍ମୀ ଯୋଜନା ଅଧୀନରେ ବ୍ଲକ ସଂଯୋଗୀକରଣ ଦ୍ୱାରା ପଂଚାୟତରୁ ବ୍ଲକ, ଜିଲ୍ଲା ସଂଯୋଗୀକରଣ ଦ୍ୱାରା ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ ଯୋଗାଯୋଗ ସୁବିଧା ଯୋଗାଇ ଦିଆଯିବ ।ଆନ୍ତଃଜିଲ୍ଲା ଓ ଆନ୍ତଃକ୍ଲଷ୍ଟର ମଧ୍ୟରେ ଯୋଗାଯୋଗ ସୁବିଧା ଉପଲବ୍ଧ କରାଯିବ । ଯୋଜନାରେ ମହିଳା ସଶକ୍ତିକରଣକୁ ପ୍ରାଥମିକତା ଦିଆଯାଇଛି । ଏସଏଚଜି ସଦସ୍ୟା ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହ କର୍ମକ୍ଷେତ୍ରରେ ନିରାପଦ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି । ରାଜ୍ୟରେ ସୁନିଶ୍ଚିତ ଓ ନିରାପଦ ପରିବହନ ସେବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଲୋକେସନ ଆକ୍ସେସିବିଲିଟି ମଲ୍ଟି ମୋଡାଲ୍ ଇନିସିଏଟିଭ୍ ବା ଲକ୍ଷ୍ମୀ ଯୋଜନା । ସରକାରଙ୍କ ଲକ୍ଷ୍ମୀ ଯୋଜନା ଆଜି ଆରମ୍ଭ ହେଉଥିବା ବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆଜି ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ବନ୍ଦ ପାଳନକୁ ମାଲକାନଗିରି ଘରୋଇ ବସ ମାଲିକ ସଂଘ ସମର୍ଥନ ଜଣାଇଛନ୍ତି। ଆଜି ମାଲକାନଗିରି ଜିଲ୍ଲା ମଧ୍ୟରେ ୨୪ ଘଣ୍ଟିଆ ଘରୋଇ ବସ୍ ଚଳାଚଳ ବନ୍ଦ ପାଳନ କରାଯାଇଛି। ଜିଲ୍ଲାର କୌଣସି ଘରୋଇ ବସ୍ ଚଳାଚଳ କରୁନଥିବା ବେଳେ ବାହାରୁ ଜିଲ୍ଲାରୁ ମଧ୍ୟ ଘରୋଇ ବସ ଆସିନାହିଁ। ସଂଘର କର୍ମକର୍ତାମାନେ ମାଲକାନଗିରି ବସଷ୍ଟାଣ୍ଡ ଠାରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦେଇଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Tuesday October 03, 2023 ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୦୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ନିମାପଡାରେ ପ୍ରତି ପଞ୍ଚାୟତରେ ମାତିଛନ୍ତି ଚାଉଳ ଦଲାଲ୍

ନିମାପଡା,(ପି.ଏନ): ନିମାପଡା ବ୍ଲକ ୩୨ ଟି ପଞ୍ଚାୟତ୍ କୁ ନେଇ ଗଠିତ। କିନ୍ତୁ ବର୍ତ୍ତମାନ ସମୟରେ ଅଧିକାଂଶ ପଞ୍ଚାୟତ୍ ରେ ଚାଉଳ କିଣା ଦଲାଲ ସକ୍ରିୟ ଥିବା ପରିଲିଖିତ ହୋଇଛି।ଖବର ସୂତ୍ର ରୁ ସରକାର୍ ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲି କରି ବ୍ୟାପକ ଅର୍ଥ ବିନିଯୋଗ କରି ପ୍ରେତେକ୍ ହିତାଧିକାରୀ ଙ୍କୁ ଏକ ଟଙ୍କା ରେ ଚାଉଳ ଯୋଗାଇ ଦେଉଛନ୍ତି କିନ୍ତୁ ଏହି ଚାଉଳ କୁ ଯୋଗ୍ୟ ହିତାଧିକାରୀ ଖାଉଥିବା ବେଳେ ଏଥିରେ ଅଯୋଗ୍ୟ ହିତାଧିକାରୀ ମାନେ ଯାହାର ରାସନ୍ କାର୍ଡ ପାଇବା ଯୋଗ୍ୟ ନୁହେ ସେମାନେ ସେଇ ଚାଉଳ କୁ ଖାଇବା ପରିବର୍ତ୍ତେ ? ଦଲାଲ ମାନଙ୍କୁ ଖୁଲମ ଖୁଲା ବିକ୍ରି କରୁଥିବା ଅଭିଯୋଗ ହେଉଛି। ଯାହା ଫଳରେ ସରକାରଙ୍କ ଯୋଜନାରେ ଉଦ୍ଦେଶ୍ୟ ସାଧିତ ହେଉ ନଥିବା ବେଳେ ପ୍ରକୃତ ହିତାଧିକାରୀ ଯୋଜନାରୁ ବାଦ୍ ? ପଡୁଥିବା ଦେଖିବାକୁ ମିଳୁଛି। ଏହା ଛଡ଼ା ସରକାରଙ୍କ ସିକୃତି ପ୍ରାପ୍ତ ରାସନ୍ ସାମଗ୍ରୀ ବଣ୍ଟନ କାରି ତାଙ୍କ ମନ ମୁତାବକ ଚାଉଳ କାଟି ଗ୍ରାମାଞ୍ଚଳର ଅତି ଗରିବ ଲୋକମାନଙ୍କୁ ଠକି ଦଲାଲ ମାନଙ୍କୁ ବିକ୍ରି ମଧ୍ୟ କରୁଥିବା ଅଭିଯୋଗ ହେବାରେ ଲାଗିଛି। ଯାହା ଫଳରେ ଦଲାଲ ମାନେ ଉକ୍ତ ଚାଉଳକୁ ବେପାର ମାଧ୍ୟମରେ ବିପୁଳ ମାତ୍ରା ରେ ଅର୍ଥ ରୋଜଗାର କରି ମାଲେମାଲ୍ ହଉଛନ୍ତି।ଏପଟେ ଅଯୋଗ୍ୟ ହିତାଧିକାରୀ ମାନେ ଚାଉଳ ବିକ୍ରି କରୁଥିବା ବେଳେ ଅନେକ ଯୋଗ୍ୟ ହିତାଧିକାରୀ ମାନେ ଏହି ଯୋଜନାରେ ସାମିଲ୍ ? ହୋଇ ନଥିବା ସହିତ ଅନେକ ଅଯୋଗ୍ୟ ହିତାଧିକାରୀ ଯୋଜନାର ଦୁରୁପଯୋଗ କରୁଥିବା ଘଟଣା ସାଧାରଣ ରେ ନିନ୍ଦା କରାଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ଏହାର ଉପଯୁକ୍ତ ତଦନ୍ତ କରି ଆବ ସ୍ୟକିୟ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସଚେତନ ନାଗରିକ ମାନେ ଦାବି କରିଛନ୍ତି।

# ବିଜେଡି ପକ୍ଷରୁ ଆରମ୍ଭ ହେଲା ଜନ ସମ୍ପର୍କ ପଦଯାତ୍ରା, ସାମିଲ ହେଲେ ବିଧାୟକ ଓ ସାଂସଦ



ଭଦ୍ରକ,(ପି.ଏନ): ଗାନ୍ଧୀ ଜୟନ୍ତୀରେ ସାରା ରାଜ୍ୟରେ ଆରମ୍ଭ ହୋଇଛି ବିଜେଡିର ଜନ ସଂପର୍କ ପଦଯାତ୍ରା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଭଦ୍ରକ ନିର୍ବାଚ଼ନମଣ୍ଡଳୀ ପକ୍ଷରୁ କେଦାରପୁର ପଞ୍ଚାୟତରୁ ମା ବିଡମ୍ବବାଇ ମନ୍ଦୀରରେ ପୂଜା ଅର୍ଚ୍ଚନା କରାଯାଇ ଆରମ୍ଭ ହୋଇଥିଲା ଜନ ସଂପର୍କ ପଦଯାତ୍ରା । ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକଙ୍କ ନେତୃତ୍ୱରେ ଏହି ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଉଛି । ଉକ୍ତ ଜନ ସଂପର୍କ ପଦଯାତ୍ରାରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ,ବିଧାୟକ ଶ୍ରୀମଲ୍ଲିକ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ,ବିଜେଡ଼ି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ମୁକୁନ୍ଦଦେବ ସାମଲ,ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ନାରୀନେତ୍ରୀ ଦେବୀଦତ୍ତା ମହାନ୍ତି,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଯୋଗେନ୍ଦ୍ର ଘଡାଇ,ସମିତି ସଭ୍ୟ ମମତା ପ୍ରଧାନଙ୍କ ସମେତ ଅନେକ ନେତା ଓ ସ୍ଥାନୀୟ ନେତୃମଣ୍ଡଳୀ ଓ ବିଜୁ ଜନତା ଦଳର କର୍ମୀ ଏହି ପଦଯାତ୍ରାରେ ସାମିଲ୍ ହୋଇଥିଲେ । ସାଧାରଣ ଲୋକଙ୍କ ପାଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଜନକଲ୍ୟାଣ ଯୋଜନାକୁ ପହଞ୍ଚାଇବା ଏବଂ ବିଜୁ ଜନତା ଦଳକୁ ତୃଣ ମୂଳସ୍ତରର ଆହୁରି ମଜ୍ ବୁତ୍ କରିବା ଏହି ଜନ ସଂପର୍କ ପଦଯାତ୍ରାର ମୂଳ ଲକ୍ଷ୍ୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ପରେ ଶେରପୁର ଠାରେ ସାଧାରଣ ସଭାର ଅୟୋଜନ କରାଯାଇଥିଲା ।

# ହିଞ୍ଜିଳିକାଟୁରେ ବିଜଡିର ଜନ ସମ୍ପର୍କ ପଦଯାତ୍ରା



ହିଞ୍ଜିଳିକାଟୁ,(ପି.ଏନ): ହିଞ୍ଜିଳି ନିର୍ବାଚ଼ନ ମଣ୍ଡଳୀ ଅନ୍ତର୍ଗତ ହିଞ୍ଜିଳିକାଟୁରେ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ବିଜେଡି ନେତୃବୃନ୍ଦଙ୍କ ଆହ୍ୱାନ କ୍ରମେ ସୋମବାର ଗାନ୍ଧୀ ଜୟନ୍ତୀ ଠାରୁ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଯାଇଛି । ଏହି କ୍ରମରେ ହିଞ୍ଜିଳିକାଟୁ ପୌରାଞ୍ଚଳରେ ବିଜେଡ଼ିର ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏ ପଦଯାତ୍ରା ଓଡ଼ିଶାର, ରୂପାନ୍ତରିତ ଓଡ଼ିଶା ପାଇଁ ସଭିଏଁ ଏକାଠି ଚ଼ାଲିବା, ଓଡିଶା ସରକାରଙ୍କ ବିକାଶ ଧାରାକୁ ଘରେ ଘରେ ପହଞ୍ଚାଇବାର ମୂଳ ଲକ୍ଷ୍ୟ । ପୌରାଞ୍ଚଳର ବିଜେଡି ସଭାପତି ଭୀମସେନ ବେହେରାଙ୍କ ନେତୃତ୍ୱରେ ନେତା ଓ କର୍ମୀ ମାନେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଏକତ୍ରିତ ହୋଇ ସେଠାରୁ ବିଭିନ୍ନ ସାହି ପରିକ୍ରମା କରି ସ୍ଥାନୀୟ ରାଜବାଟୀ ସ୍ଥିତ ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ସାମ୍ନାରେ ଏକ ପଥ ପ୍ରାନ୍ତ ସଭା କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରକଳ୍ପିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବାବଦରେ ଉପସ୍ଥିତ ସାଧାରଣ ଲୋକଙ୍କୁ ବୁଝାଇଥିଲେ। ଏହାପରେ ବିଜୁ ପଟ୍ଟନାୟକ ଛକରେ ପହଞ୍ଚି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ସେଠାରେ ମଧ୍ୟ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଶରତ ଚ଼ନ୍ଦ୍ର ମହାପାତ୍ର, ପୌରାଧ୍ୟକ୍ଷ ସୁବାସ ଚ଼ନ୍ଦ୍ର ପୋଲାଇ, ଗ୍ରୀଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ପ୍ୟାରୀ ମୋହନ ପାଢ଼ୀ ପ୍ରମୁଖଙ୍କ ସମେତ ବହୁ ଯୁବ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଐତିହାସିକ ପୀଠ ସଭାମଣ୍ଡପ ଠାରେ ସଫେଇ କାର୍ଯ୍ୟକ୍ରମ

ନିମାପଡ଼ା,(ପି. ଏନ): ଆଜି ପବିତ୍ର ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସର ରେ ପ୍ରାଚ଼ୀ ଉପତ୍ୟକା ର ପ୍ରସିଦ୍ଧ ଐତିହାସିକ ଓ ପୌରାଣିକ ପୀଠ ସଭାମଣ୍ଡପ ଠାରେ ଏକ ସଫେଇ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିଲା। ଚ଼ାରିଛକ ସାହିତ୍ୟ ସଂସଦ ଓ ଦିବାକର ସ୍ମୃତି ସଂସଦ, ଭାଣପୁର ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ସଂସଦ ସଭାପତି ଗୋପିନାଥ କର, ସମ୍ପାଦକ ସନ୍ତୋଷ ମିତ୍ର, ସି ପି ଆଇ ନେତା କୃଷ୍ଣରାଉତ,ତୁଳସୀପୁର ଗ୍ରାମ୍ୟ କମିଟି ସଭାପତି ବନ ବିହାରୀ ଦାଶ, ଚ଼ାରିଛକ ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କର, ଉକୁଳେଇ କଲେଜ ଅଧ୍ୟକ୍ଷ ନିରୋଦ କୁମାର ତ୍ରିପାଠୀ ,ପ୍ରଫୁଲ୍ଲ ସାହୁ,କୈଳାସ ତ୍ରିପାଠୀ,ନିରଞ୍ଜନ କର, ସୁବାସ ସାହୁ, ପଣ୍ଡିତ ମୁରଲୀଧର ଭାରତୀ ପ୍ରମୁଖ ଏକତ୍ରିତ ହୋଇ ସଭାମଣ୍ଡପ ଓ ଏହାର ଆଖପାଖ ଅଞ୍ଚଳର ସଫେଇ କରିଥିଲେ। ଏଥିସହିତ ସେହି ସ୍ଥାନ ରେ ଶତାଧିକ ବୃକ୍ଷ ଚ଼ାରା ରୋପଣ କରାଯାଇଥିଲା।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିଫ୍ଟ ଅଚଳ




ପୁରୀ,(ପି.ଏନ):ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୪ଦିନ ହେଲା ୨ଗୋଟି ଲିଫ୍ଟ ମଧ୍ୟରୁ ଗୋଟିଏ ଲିଫ୍ଟ ପୁନର୍ବାର ଅଚଳ ହୋଇ ପଡିଛି। ଲିଫ୍ଟ ଅଚଳ ହୋଇଥିବା ଯୋଗୁ ଗର୍ଭବତୀ ମହିଳା,ଶିଶୁକୁ ଧରି ରୋଗୀଙ୍କ ସମ୍ପର୍କୀୟମାନେ ୫ମ ମହଲା ପର୍ଯ୍ୟନ୍ତ ପାହାଚରେ ବିପଦସଙ୍କୁଳ ଅବସ୍ଥାରେ ଯା'ଆସ କରୁଥିବାର ଦେଖିବାକୁ ମିଳିଛି। ଅତ୍ୟନ୍ତ ଆପାତଃକାଳୀନ ସ୍ଥିତିରେ ଗର୍ଭବତୀ ମହିଳାଙ୍କୁ ପାହାଚ ଚଢି ଯିବାକୁ ପଡୁଛି ବୋଲି କିଛି ଅଭିଭାବକ ସୂଚନା ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅବ୍ୟବସ୍ଥା ଦେଖି ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଯାଇଛି। ଅନ୍ୟ ପକ୍ଷରେ ବାରମ୍ବାର ଲିଫ୍ଟ ଅଚଳ ହେବା ସତ୍ୱେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ,୨୦୧୫ ନବକଳେବର ସମୟରେ ଉକ୍ତ ପ୍ରସୂତି ଏବଂ ଶିଶୁ ବିଭାଗକୁ ଏହି ନୂତନ ଭାବେ ନିର୍ମିତ ୭ମହଲା ବିଶିଷ୍ଟ ବହୁତଳ କୋଠାଘରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆରମ୍ଭରେ ପ୍ରସୂତି ଏବଂ ଶିଶୁମାନଙ୍କ ଯାତାୟତ ପାଇଁ ୨ଗୋଟି ଲିଫ୍ଟର ବ୍ୟବସ୍ଥା କରାଯାଇଥିଲା। ସାମୟୀକଭାବେ ଏହି ୨ଟି ଲିଫ୍ଟ ମଧ୍ୟ କିଛି କାଳ କାର୍ଯ୍ୟକ୍ଷମ ରହିଥିଲା। କିନ୍ତୁ ଗତ ୪ବର୍ଷ ପୂର୍ବେ ସାମୁଦ୍ରିକ ଝଡ ଫନି ପରେ ପଛ ପଟ ଲିଫ୍ଟ ସମ୍ପୂର୍ଣ୍ଣ ଅକାମୀ ହୋଇ ପଡି ରହିଥିଲା। ଗତ ୨ବର୍ଷ ହେଲା ଉକ୍ତ ଅକାମୀ ଲିଫ୍ଟକୁ ଏକାଧିକ ଥର ଖବର ପ୍ରକାଶନ ପରେ ସଚଳ କରାଯାଇଛି। ୨ଗୋଟି ଲିଫ୍ଟ ସଚଳ ଅବସ୍ଥାରେ ରହିଲେ ରୋଗୀଙ୍କୁ ୫ମ ମହଲା ପର୍ଯ୍ୟନ୍ତ ଯାତାୟତରେ ସୁବିଧା ହେଉଥିଲା। କିନ୍ତୁ ଗତ ୪ଦିନ ହେଲା ସାମ୍ନା ପଟରେ ଥିବା କାର୍ଯ୍ୟକ୍ଷମ ଲିଫ୍ଟ ଖରାପ ହୋଇ ପଡି ରହିଛି। ଏଠାରେ ପ୍ରକାଶ ଥାଉକି,ଉକ୍ତ ଲିଫ୍ଟ ଏକାଧିକ ଥର ଖରାପ ହୋଇଥିବା ବେଳେ,ବାରମ୍ବାର ମରାମତି ପରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ଏହି ଲିଫ୍ଟ ମରାମତିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଲାଣି ବୋଲି ଜଣାପଡିଛି। ଏଭଳି ଦଦରା ଲିଫ୍ଟରେ ରୋଗୀକୁ ନେଇ ତାଙ୍କ ସହାୟକମାନେ ଯିବାକୁ ଭୟ କରୁଛନ୍ତି ବୋଲି ସୂଚନା ମିଳିଛି। ପ୍ରଥମରୁ ୫ମ ମହଲାକୁ ଯିବା ବାଟରେ କେତେ ବେଳେ ଖରାପ ହୋଇ ପଡି ଧନ ଜୀବନ ନଷ୍ଟ ହେବାର ଭୟ ରୋଗୀଙ୍କ ସମ୍ପର୍କୀୟଙ୍କୁ ଘାରିଛି। ଅନ୍ୟ ପକ୍ଷରେ ଡାକ୍ତରଖାନା କର୍ତ୍ତୃପକ୍ଷ କେବଳ ଗୋଟେ ନୋଟିସ ମାରି ନିଜ କାର୍ଯ୍ୟ ଶେଷ କରି ଦେଇଛନ୍ତି ବୋଲି ଜଣାପଡିଛି। ପ୍ରତ୍ୟେକ ଦିନ ଏହି ବିଲ୍ଡିଙ୍ଗକୁ ଶତାଧିକ ଗର୍ଭବତୀ,ପ୍ରସୂତୀ ମହିଳା ସହ ଶିଶୁମାନଙ୍କୁ ଧରି ସମ୍ପର୍କୀୟମାନେ ଆସିଥାନ୍ତି। ଗତ ୪ଦିନ ଧରି ଲିଫ୍ଟ ଅଚଳ ଯୋଗୁ ଉକ୍ତ ମହିଳା ଏବଂ ଶିଶୁମାନେ ଉପର ମହଲାକୁ ଯାତାୟତ ପାଇଁ ନାହିଁ ନଥିବା ହଇରାଣ ହରକତ ହେବା ସହ ଗୋଟିଏ ଲିଫ୍ଟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ଯାହା ଫଳରେ ଉକ୍ତ ସଚଳ ଲିଫ୍ଟ ମଧ୍ୟ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ଅଚଳ ହେବାର ସମ୍ଭାବନା ଦେଖାଯାଇଛି। ଗର୍ଭବତୀ ମହିଳା ଏବଂ ଶିଶୁମାନେ ସହାୟକ ସହ ଦଦରା ଲିଫ୍ଟରେ ଯାତାୟତ ବେଳେ ଦୁର୍ଘଟଣା ଘଟିବାର ଆଶଙ୍କା ଅମୂଳକ ନୁହେଁ ବୋଲି କିଛି ମହିଳା କହିଛନ୍ତି। ଉକ୍ତ ଦଦରା ଲିଫ୍ଟକୁ ତୁରନ୍ତ ବଦଳାଇ ନୂତନ ଲିଫ୍ଟକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ପ୍ରବଳ ଦାବି ହେଉଛି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର କହନ୍ତି,ଏହି ଲିଫ୍ଟ ରକ୍ଷଣାବେକ୍ଷଣ ଦାଇତ୍ୱରେ ଥିବା ଏଜେନ୍ସିଙ୍କୁ ଅବଗତ କରାଯାଇଛି। ଖୁବ୍ ଶିଘ୍ର ଲିଫ୍ଟି କାର୍ଯ୍ୟକ୍ଷମ ହେବ।

# ନବୀନ ସବୁଠାରୁ ବଡ ଜନବିରୋଧୀ : ଜୟନାରାୟଣ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନବିରୋଧୀ ବୟାନକୁ ନେଇ ପୁଣି ବର୍ଷିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବିଧାନସଭା ଭିତରେ ବିରୋଧୀଙ୍କୁ ଜନବିରୋଧୀ କହିଛନ୍ତି ଏବଂ ବିଧାନସଭା ଆସିପାରିବ ନାହିଁ ବୋଲି ଧମକ ଦେଇଥିଲେ । ଏଥିରେ କିଛି ନୂତନତ୍ୱ ନାହିଁ। ନବୀନ ଓଡିଶାରେ ସବୁଠୁ ଅଧିକ ଜନ ବିରୋଧୀ। ତାଙ୍କ ୨୩ ବର୍ଷ ଶାସନ କାଳରେ ଓଡିଶା ଏକ ପଛୁଆ ରାଜ୍ୟରେ ପରିଣତ ହୋଇଛି। ଦାରିଦ୍ର୍ୟ, ନାରୀ ନିର୍ଯାତନା ପ୍ରାଥମିକ ଶିକ୍ଷାଠାରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ସବୁ ବିପର୍ଯ୍ୟସ୍ତ ହୋଇପଡିଛି। ନବୀନ ବାବୁ ଆମକୁ ଜନ ବିରୋଧୀ କହିବା ପୂର୍ବରୁ ଭାବିବା କଥା ସେ ସବୁଠାରୁ ବଡ଼ ଜନ ବିରୋଧୀ । ତାଙ୍କଠୁ ବଡ଼ ଜନ ବିରୋଧୀ ଆମେ ଦେଖି ନାହୁଁ ।ଜଣେ ଆଇଏଏସ ଅଫିସରକୁ ସରକାର ଲିଜ ଦାୟିତ୍ୱ ଦେଇଛନ୍ତି। ଦାୟିତ୍ୱହୀନ ମନ୍ତବ୍ୟ ସେ ଦେଉଛନ୍ତି । ଜଣେ ମୁଖ୍ୟମନ୍ତ୍ରୀ ତାଙ୍କ ବିରୋଧୀ ଦଳକୁ ଜନବିରୋଧୀ କହୁଛନ୍ତି, ତେବେ ଜନବିରୋଧୀମାନେ କେମିତି ବିଧାନସଭାରେ ବସିବେ ? ସେ ଆହୁରି କହିଛନ୍ତି ଯେ ସେ ଚିନ୍ତିତ ଅଛନ୍ତି, ଏତେ ଦିନ ଧରି କହୁନଥିଲେ ଆଜି କାହିଁକି କହୁଛନ୍ତି, ତାଙ୍କ କର୍ମ ଯୋଗୁଁ ଚିନ୍ତିତ ଅଛନ୍ତି।

# ଚ଼ିନ୍ତା ବଢ଼ାଉଛି ସ୍କ୍ରବ ଟାଇଫସ୍ : ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୯ ନୂଆ ରୋଗୀ ଚ଼ିହ୍ନଟ, ଆକ୍ରାନ୍ତଙ୍କ ସଂଖ୍ୟା ୩୦୧କୁ ବୃଦ୍ଧି



ସୁନ୍ଦରଗଡ, (ପି.ଏନ) : ରାଜ୍ୟରେ ସ୍କ୍ରବ ଟାଇଫସ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସୁନ୍ଦରଗଡ ଜିଲ୍ଲାରେ ଏହାର ପରିମାଣ ଅଧିକ ଦେଖିବାକୁ ମିଳିଛି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୯ ଜଣ ସ୍କ୍ରବ ଟାଇଫସ ରୋଗୀ ଚ଼ିହ୍ନଟ ହୋଇଛନ୍ତି । ଏହି ପରି ଭାବରେ ଟାଇଫସ ରୋଗର ପଜିଟିଭ ସଂଖ୍ୟା ୩୦୧ରେ ପହଞ୍ଚିଛି । ସୁନ୍ଦରଗଡ଼ରେ ପୁଣି ୩ ନୂଆ ଆକ୍ରାନ୍ତ ଚ଼ିହ୍ନଟ ହୋଇଛନ୍ତି । ଗତକାଲି ହୋଇଥିବା ୩୪ ନମୁନା ପରୀକ୍ଷାରୁ ୯ ଚ଼ିହ୍ନଟ ହୋଇଛନ୍ତି । ଏନେଇ ସୂଚ଼ନା ଦେଇଛନ୍ତି ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀ ସୂଚ଼ନା ଦେଇଛନ୍ତି । ଗତକାଲି ସୁନ୍ଦରଗଡ଼ରେ ୩ ଜଣ ରୋଗୀ ଚ଼ିହ୍ନଟ ହୋଇଥିବା ବେଳେ ବରଗଡ଼ରେ ଜଣଙ୍କର ମୃତ୍ୟୁ ହୋଇଥିଲା । ବରଗଡ଼ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି । ମୃତ ବ୍ୟକ୍ତି ଜଣକ ସୋହେଲା ଅଞ୍ଚଳର ଥିବାବେଳେ ତାଙ୍କ ବୟସ ୪୮ । ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହୋଇ ସେ ଏକ ଘରୋଇ ହସ୍ପିଟାଲରେ ଚ଼ିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ବରଗଡ଼ ଜିଲ୍ଲାର ଜନସ୍ୱାସ୍ଥ୍ୟ ଅଧିକାରୀ ସାଧୁ ଚ଼ରଣ ଦାଶ ସୂଚ଼ନା ଦେଇଥିଲେ ।ତେବେ ଏହି ରୋଗରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ କେତେ ଜଣ ଗୁରୁତର ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଏନେଇ ସଚେତନ ରହି ଦୃଢ ଭାବରେ ଲଢିବାପାଇଁ ପରାମର୍ଶ ଦେଇଛନ୍ତି ।ସୂଚ଼ନାଯୋଗ୍ୟ ଯେ, ଏହି ରୋଗ କେବଳ ସୁନ୍ଦରଗଡ ନୁହେଁ ବଲାଙ୍ଗିର ଏବଂ ବରଗଡରେ ମଧ୍ୟ ଆତଙ୍କ ଖେଳାଉଛି । ପଶ୍ଚିମ ଓଡିଶା ପରେ ଦକ୍ଷିଣ ଓଡିଶାର କୋରାପୁଟ ଜିଲ୍ଲାରେ ସ୍କ୍ରବ୍ ଟାଇଫସ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି ।






Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray